# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 18 August – 2026

**********************************

## ମୁଖ୍ୟ ସମ୍ବାଦ

- ବନ୍ୟା ପ୍ରଭାବିତ ଅଂଚଳର ସ୍ଥିତି ସମୀକ୍ଷା କରି ହଜାରେ କୋଟି ଟଙ୍କାର ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

— କହିଲେ, ବନ୍ୟା ଯୋଗୁଁ ୬ଟି ଜିଲ୍ଲାର ୭୪ଟି ବ୍ଲକ୍ ପ୍ରଭାବିତ

— ଅବପାତର ପ୍ରଭାବରେ ଅତିପ୍ରବଳ ବର୍ଷା ନେଇ ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

- ଐତିହ୍ୟ ଗ୍ରାମ ରଘୁରାଜପୁରଠାରେ ୨୩ କୋଟି ୮୨ ଲକ୍ଷ ଟଙ୍କାର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

- ରାଜ୍ୟରେ ନିଶାଦ୍ରବ୍ୟର କୁ-ପ୍ରଭାବ ସମ୍ପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ଅନୁଷ୍ଠିତ ହେଉଛି ନିଶାମୁକ୍ତ ଶପଥ ଅଭିଯାନ

ଏବଂ

- ଭୁବନେଶ୍ୱରଠାରେ ଆସନ୍ତାମାସ ୩ ତାରିଖରୁ ଆରମ୍ଭ ହେବ ପୂର୍ବାଞ୍ଚଳ ବ୍ୟାଡମିଣ୍ଟନ ପ୍ରତିଯୋଗିତା

# ବନ୍ୟା-ମୁଖ୍ୟମନ୍ତ୍ରୀ

ବନ୍ୟା ପ୍ରଭାବିତ ଅଂଚଳର ସ୍ଥିତି ଅନୁଧ୍ୟାନ କରି ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହଜାରେ କୋଟି ଟଙ୍କାର ୧୦ ସୂତ୍ରୀ ସହାୟତା ରାଶି ଘୋଷଣା କରିଛନ୍ତି। ଭୁବନେଶ୍ୱରଠାରେ ଆଜି ରାଜ୍ୟରେ ବନ୍ୟାସ୍ଥିତି ସମ୍ପର୍କିତ ସମୀକ୍ଷା ବୈଠକରେ ଯୋଗଦେଇ ଶ୍ରୀ ମାଝୀ କହିଛନ୍ତି, ଶୂନ୍ୟ ମୃତାହତ ଦିଗରେ ସରକାର କାର୍ଯ୍ୟ କରୁଛନ୍ତି। ପ୍ରଭାବିତ ଜନସାଧାରଣଙ୍କ ସୁରକ୍ଷା ଓ ଆବଶ୍ୟକ ସହାୟତା ଯୋଗାଇ ଦେବା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା। ପ୍ରଭାବିତ ଅଂଚଳରୁ ଜନସାଧାରଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ଆବଶ୍ୟକତା ଅନୁଯାୟୀ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଉଛି। ସ୍ଥିତିର ନିରନ୍ତର ଅନୁଧ୍ୟାନ ସହ ଜିଲ୍ଲା ପ୍ରଶାସନ ଓ ବିଭିନ୍ନ ବିଭାଗର ସମନ୍ୱୟରେ ତ୍ୱରିତ ପଦକ୍ଷେପ ନିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି.....

**- V/O -(CM)**

ମୁଖ୍ୟମନ୍ତ୍ରୀ କହିଛନ୍ତି, ଲଗାଣ ବର୍ଷା ଯୋଗୁଁ ସୃଷ୍ଟ ବନ୍ୟାରେ ରାଜ୍ୟର ୬ଟି ଜିଲ୍ଲାର ୭୪ଟି ବ୍ଲକ୍ ପ୍ରଭାବିତ ହୋଇଛି। **ଯାଜପୁର** ଜିଲ୍ଲାର ୧୦ଟି ବ୍ଲକ୍‌ର ୨୭୦ଟି ଗ୍ରାମର ୨ ଲକ୍ଷ ୮୦ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ବନ୍ୟା ଯୋଗୁଁ **ଭଦ୍ରକ** ଜିଲ୍ଲାର ୪ଟି ବ୍ଲକ୍‌ର ୧୪୯ଟି ଗ୍ରାମର ୨ ଲକ୍ଷ ୫୯ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ୬ଟି ଜିଲ୍ଲାରେ ୪୫ଟି ଓଡ୍ରାଫ୍ ଓ ୮ଟି ଏନ୍‌ଡିଆରଏଫ୍ ଦଳକୁ ମୁତୟନ କରାଯାଇଛି। ୩୩ ପ୍ରତିଶତ କିମ୍ବା ତା'ଠାରୁ ଅଧିକ ଫସଲ କ୍ଷତି ହୋଇଥିଲେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ

ସହାୟତା ଯୋଗାଇ ଦିଆଯିବ। ଅଣସେଚିତ ଜମି ପାଇଁ ହେକ୍ଟର ପିଛା ୮ ହଜାର ୫୦୦, ଜଳସେଚିତ ଜମି ପାଇଁ ୧୭ ହଜାର ଓ ବାରମାସୀ ଫସଲ କ୍ଷତି ହୋଇଥିଲେ ହେକ୍ଟର ପିଛା ୨୨ ହଜାର ୫୦୦ ଟଙ୍କା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କ୍ଷତିଗ୍ରସ୍ତ ଚାଷୀଙ୍କୁ ଧାନ ଓ ଅଣଧାନ ବିହନ କିଣିବାକୁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ବନ୍ୟା ପରବର୍ତ୍ତୀ ରୋଗପୋକ ଜନିତ କ୍ଷୟକ୍ଷତି ପାଇଁ ୭୫ ପ୍ରତିଶତ ରିହାତି ମିଳିବ। କ୍ଷତିଗ୍ରସ୍ତ ଉଠା ଜଳସେଚନର ମରାମତି କାର୍ଯ୍ୟ ଖୁବ ଶୀଘ୍ର କରାଯିବ। ହସ୍ତଶିଳ୍ପ କ୍ଷତି ପାଇଁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ। ଚୂଡାନ୍ତ କ୍ଷୟକ୍ଷତି ରିପୋର୍ଟ ହସ୍ତଗତ ହେବା ପରେ ସହାୟତା ରାଶି ବୃଦ୍ଧି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ବନ୍ୟା-୩

ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ବୈତରଣୀ, ଜଳକା, ବୁଢ଼ାବଳଙ୍ଗ ନଦୀର ଜଳସ୍ତର ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଜଳସମ୍ପଦ ବିଭାଗ **ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ** କହିଛନ୍ତି, ବୈତରଣୀ ନଦୀର ଜଳସ୍ତର କ୍ରମାଗତ ହ୍ରାସ ପାଇବାରେ ଲାଗିଛି। ତଳମୁଣ୍ଡରେ ପାଣି କମି ନଥିବାବେଳେ ଲଘୁଚାପ ପାଇଁ ଉପରମୁଣ୍ଡରେ ବର୍ଷା ଜାରି ରହିଛି।

ବିଭାଗ ପକ୍ଷରୁ ବୈତରଣୀ ଓ ବ୍ରାହ୍ମଣୀ ନଦୀର ଜଳସ୍ତର ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି ବୋଲି ଶ୍ରୀ ରାଉତ କହିଛନ୍ତି।

**- V/O -**

ବନ୍ୟାରେ ଭଦ୍ରକ, ଯାଜପୁର, ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ, ଜଗତ୍‌ସିଂହପୁର, କେନ୍ଦ୍ରାପଡା ଭଳି ୭ଟି ଜିଲ୍ଲା ପ୍ରଭାବିତ ହୋଇଥିବା ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ **ଗୋକୁଳାନନ୍ଦ ମଲ୍ଲିକ** ସୂଚନା ଦେଇଛନ୍ତି। ସବୁ ଜିଲ୍ଲାରେ ସତର୍କ ସୂଚନା ସହ ପ୍ରାଣୀଙ୍କୁ ସୁରକ୍ଷିତ ସ୍ଥାନକୁ ନେଇଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ୩୬ଟି ରାପିଡ୍ ରେସପନ୍ସ ଟିମ୍, ୫୦ଟି ପ୍ରାଣୀଚିକିତ୍ସା କ୍ୟାମ୍ପ ଓ ପ୍ରାଣୀମାନଙ୍କର ଟିକାକରଣର ବ୍ୟବସ୍ଥା କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ୍ ସୂଚନା ଦେଇଛନ୍ତି।

**ଯାଜପୁର** ଜିଲ୍ଲାରେ ବନ୍ୟା ପରିସ୍ଥିତି ଗମ୍ଭୀର ରହିଛି। କାଣି ଓ ବୈତରଣୀ ନଦୀବନ୍ଧରେ ଘାଇ ସୃଷ୍ଟି ହୋଇ ବ୍ୟାପକ ଅଂଚଳ ଜଳମଗ୍ନ ହୋଇଛି। ସ୍ୱତନ୍ତ୍ର ରିଲିଫ୍ କମିଶନର ଓ ରାଜ୍ୟ ଜରୁରିକାଳୀନ ପରିଚାଳନା କେନ୍ଦ୍ରର ରିପୋର୍ଟ ଅନୁଯାୟୀ, ଜିଲ୍ଲାର ୨ ଲକ୍ଷ ୮୪ ହଜାର ୫୬୮ ଜଣ ଲୋକ ପ୍ରଭାବିତ ହୋଇଥିବାବେଳେ ୯୫ ହଜାର ୪୫୭ ଜଣ ଜଳବନ୍ଦୀ ହୋଇ ରହିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ୨୦୩ଟି ଆଶ୍ରୟସ୍ଥଳିରେ ୭୭ ହଜାର ୬୮୦ ଜଣଙ୍କୁ ରଖାଯାଇଛି। ବନ୍ୟା ଯୋଗୁଁ ୧୮ ହଜାର ୬୪୨ ହେକ୍ଟର ଚାଷଜମି ଜଳମଗ୍ନ ହୋଇଥିବାବେଳେ ୯୮ ହଜାର ୫୫୪ଟି ପ୍ରାଣୀସମ୍ପଦ ପ୍ରଭାବିତ ହୋଇଛି। ଉଦ୍ଧାର ଓ ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୩ଟି ଓଡ୍ରାଫ, ୨ଟି ଏନ୍‌ଡିଆରଏଫ୍, ୧୨ଟି ଅଗ୍ନିଶମ ବାହିନୀ ଓ ୧୨ଟି ପୁଲିସ୍ ଟିମ୍‌ଙ୍କୁ ମୁତୟନ କରାଯାଇଛି। ଏହାସହିତ ପ୍ରଭାବିତ

ଅଂଚଳରେ ୧୨ଟି ମେଡିକାଲ ଟିମ୍ ଓ ୧୨ଟି ପ୍ରାଣୀଚିକିତ୍ସା ଟିମ୍ ନିୟୋଜିତ ଅଛନ୍ତି।

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅବପାତର ରୂପ ନେବା ପରେ ଏହା ଉତ୍ତର, ଉତ୍ତର-ପଶ୍ଚିମ ଦିଗକୁ ଗତି କରୁଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ଅତିପ୍ରବଳ ବର୍ଷା ହେବା ନେଇ ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ସୁବର୍ଣ୍ଣପୁର, ଝାରସୁଗୁଡ଼ା ଓ ବଲାଙ୍ଗୀର ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଗତ ୨୪ ଘଣ୍ଟା ମଧରେ ମୟୂରଭଞ୍ଜ ଜିଲ୍ଲାର ବହଳଦାରେ ସର୍ବାଧିକ ୨୭୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ଆଜି ଦିନ ଦୁଇଟା ସୁଦ୍ଧା **ଭଦ୍ରକ** ଜିଲ୍ଲା ଆଖୁଆପଦାଠାରେ ବୈତରଣୀ ନଦୀର ଜଳ ବିପଦସଂକେତ ଉପରେ ପ୍ରବାହିତ ହେଉଛି। ବିପଦସଂକେତ ୧୮ ଦଶମିକ ୩ ମିଟର ହୋଇଥିବାବେଳେ ଏବେ ସେଠାରେ ଜଳସ୍ତର ୧୮ ଦଶମିକ ୯/୫ ମିଟର ରହିଛି। ସେହିପରି ଜିଲ୍ଲାର ସାଳନ୍ଦୀ ନଦୀ ରାଜଘାଟଠାରେ ବିପଦସଂକେତ ଉପରେ ପ୍ରବାହିତ ହେଉଛି।

**ହୀରାକୁଦ** ଜଳଭଣ୍ଡାରର ୧୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଥିବା ବେଳେ ବର୍ତ୍ତମାନ ଏହାର ଜଳସ୍ତର ୬୧୯ ଦଶମିକ ୯/୭ ଘନଫୁଟ ରହିଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୯୧ ହଜାର ୫୫୮ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ୧ଲକ୍ଷ ୫୬ ହଜାର ୬୯୦ ଘନଫୁଟ ନିଷ୍କାସିତ ହେଉଛି ।

## ଐତିହ୍ୟ ଗ୍ରାମ

**ପୁରୀ** ଜିଲ୍ଲା ରଘୁରାଜପୁର ଐତିହ୍ୟ ଗ୍ରାମରେ **ଉପମୁଖ୍ୟମନ୍ତ୍ରୀ** ପ୍ରଭାତୀ ପରିଡା ଆଜି ସମନ୍ୱିତ ପର୍ଯ୍ୟଟନର ବିକାଶ ନିମନ୍ତେ ୨୩ କୋଟି ୮୨ ଲକ୍ଷ ଟଙ୍କା ବ୍ୟୟରେ ବିଭିନ୍ନ ଉନ୍ନତୀମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଶ୍ରୀମତୀ ପରିଡା କହିଛନ୍ତି, ଏହି ଅର୍ଥରାଶି ରଘୁରାଜପୁରର ପଟଚିତ୍ର, ଗୋଟିପୁଅ ନୃତ୍ୟ, କଳା, ସଂସ୍କୃତି ଓ ପରମ୍ପରାକୁ ପ୍ରୋତ୍ସାହନ ଦେବା ସହ ପର୍ଯ୍ୟଟକଙ୍କ ପାଇଁ ଉନ୍ନତ ସୁବିଧା ଯୋଗାଇଦେବାରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପରେ ରଘୁରାଜପୁରକୁ ପରିଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଯାତାୟତ ସୁବିଧା ନେଇ ଗମନାଗମନ ପ୍ରକଳ୍ପକୁ ଯୋଜନାରେ ସାମିଲ କରାଯାଇଛି। କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ସମେତ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ।

## ନିଶାମୁକ୍ତ ସମାଜ

ସମାଜ ଗଠନ ଓ ନିଶାଦ୍ରବ୍ୟର କୁ-ପ୍ରଭାବ ସମ୍ପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ରାଜ୍ୟବ୍ୟାପୀ ନିଶାମୁକ୍ତ ଶପଥ ଅଭିଯାନ ଆୟୋଜନ କରାଯାଉଛି । ଅଭିଯାନରେ ରାଜ୍ୟରେ ଅତି କମ୍‌ରେ ୧୦ ପ୍ରତିଶତ ଲୋକଙ୍କୁ ସାମିଲ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ବିଦ୍ୟାଳୟ, ମହାବିଦ୍ୟାଳୟ, ସରକାରୀ କାର୍ଯ୍ୟାଳୟ, ପଂଚାୟତ ଓ ବିଭିନ୍ନ ସାମାଜିକ ସଂଗଠନର ସହଭାଗିତାରେ ଏହି ଶପଥପାଠ କାର୍ଯ୍ୟକ୍ରମ କରାଯାଉଛି । ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆଜି ସାମୂହିକ ନିଶାମୁକ୍ତି ଶପଥପାଠ କରାଯାଇଛି। କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ ।

## ଏଲ୍‌ପିଜି

ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର ପାଇଁ ଇ-କେଓ୍ୱାଇସି କରିବାର ଶେଷ ତାରିଖ ଆସନ୍ତା ରବିବାର ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପୂର୍ବରୁ ଏହି ସମୟସୀମା ଅଗଷ୍ଟ ୧୬ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିଲା । ତୈଳ କମ୍ପାନୀଗୁଡ଼ିକରେ ବିଭିନ୍ନ ବୈଷୟିକ ତ୍ରୁଟି ଓ ଗ୍ୟାସ୍ ଏଜେନ୍ସିଗୁଡ଼ିକରେ ଗ୍ରାହକଙ୍କ ଭିଡକୁ ଦୃଷ୍ଟିରେ ରଖି ଇ-କେଓ୍ୱାଇସି ସମୟସୀମାକୁ ବୃଦ୍ଧି କରାଯାଇଛି ।

## ସ୍ମାରକୀ ସମାରୋହ

**ଭଦ୍ରକ** ଜିଲ୍ଲା କହରା ପୋଖରି ସ୍ଥିତ କ୍ରାନ୍ତି ମଇଦାନ ଓ ଭଣ୍ଡାରିପୋଖରି ଥାନା ପରିସରରେ ୧୯୪୨ ମସିହା ଭାରତଛାଡ ଆନ୍ଦୋଳନର ସ୍ମାରକୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ଓ ପୁଲିସ୍ ପ୍ରଶାସନ, ଜନ ପ୍ରତିନିଧି ପ୍ରମୁଖ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ ।

## ବିଶ୍ୱକର୍ମା ଯୋଜନା

**ନୂଆପଡା** ଜିଲ୍ଲା ଖଡିଆଳ ଏନ୍ଏସିସ୍ଥିତ କଲ୍ୟାଣମଣ୍ଡପଠାରେ **ପିଏମ୍ ବିଶ୍ୱକର୍ମା** ଯୋଜନା ସମ୍ପର୍କିତ  ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପାରମ୍ପରିକ କାରିଗର ଓ ଶିଳ୍ପୀମାନଙ୍କୁ ସ୍ୱାବଲମ୍ବୀ ଏବଂ ଆତ୍ମନିର୍ଭରଶୀଳ କରାଇବା ଲକ୍ଷ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ବ୍ରାଣ୍ଡ ପ୍ରତିଷ୍ଠା ଓ ବଜାର ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା ।

## ଦୁର୍ଘଟଣା

**ନୟାଗଡ଼** ଜିଲ୍ଲା ବାଇପାସ୍ସ୍ଥିତ ବଡ଼ପଣ୍ଡୁସର ଏବଂ ଇଟାମାଟିଠାରେ ବସ୍ ଦୁର୍ଘଟଣାରେ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ଓ ୩ ଜଣ ଗୁରୁତର ହୋଇଛନ୍ତି । ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ତଦନ୍ତ ଜାରି ରଖିଛି ।

ବସ୍‌ଟି ୩୦ ଫୁଟ ତଳକୁ ଖାଇ ମଧ୍ୟକୁ ଖସିପଡିବାରୁ ଏହି ଦୁର୍ଘଟଣା ଘଟିଥିଲା ।

## ବ୍ୟାଡମିଣ୍ଟନ

ଭୁବନେଶ୍ୱରଠାରେ ଆସନ୍ତାମାସ ୩ରୁ ୬ ତାରିଖ ପର୍ଯ୍ୟନ୍ତ ପୂର୍ବାଞ୍ଚଳ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ଦଳ ଘୋଷଣ କରାଯାଇଛି । ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘଦ୍ୱାରା ପଞ୍ଜୀକୃତ ଖେଳାଳିମାନେ ହାସଲ କରିଥିବା ର୍‍ୟାଙ୍କିଂ ପଏଣ୍ଟ ଏବଂ ଗୋଟିଏ ଟ୍ରାଏଲ୍ସକୁ ନେଇ ଖେଳାଳିଙ୍କ ନାମ ଚୟନ କରାଯାଇଛି । ପ୍ରତିଯୋଗିତାରେ ଓଡ଼ିଶା ସମେତ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡର ଖେଳାଳିମାନେ ଅଂଶ ଗ୍ରହଣ କରିବେ। ପୂର୍ବାଞ୍ଚଳ ପ୍ରତିଯୋଗିତା ପୂର୍ବରୁ ଭୁବନେଶ୍ୱରଠାରେ ଗତକାଲିଠାରୁ ଓଡ଼ିଶା ଦଳର ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ଏହି ଶିବିର ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ ।